● ଆତିଥ୍ୟ ଶିକ୍ଷା ନେଇ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ

# ପର୍ଯ୍ୟଟନ ଉଦ୍ୟୋଗକୁ ନୂଆ ରୂପ ଦେଉଛି ଆଇଏଚ୍ଏମ୍

**ଭୁବନେଶ୍ୱର, ୧୪।୨ (ସଂଚାର ବ୍ୟୁରୋ):** ରାଜ୍ୟର ଯୁବବର୍ଗ ମଧ୍ୟରେ ଆତିଥ୍ୟ ଶିକ୍ଷା ବିଷୟରେ ସଚେତନତା ସୃଷ୍ଟି ପାଇଁ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚଏମ) ସହଭାଗିତାରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସରରେ ଆଜି ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ଏଥିରେ ଆଇଏଚ୍ଏମ୍ ପର୍ଯ୍ୟଟନ ଓ ଆତିଥେୟତାକୁ ନୂଆ ରୂପ ଦେବା ସକାଶେ ଉଦ୍ୟମ କରୁଛି ବୋଲି ମତ ପ୍ରକାଶ ପାଇଛି। ସାମ୍ବାଦିକ ସମ୍ମିଳନୀରେ ଆଇଏଚଏମ ଭୁବନେଶ୍ୱରର ଅଧ୍ୟକ୍ଷା ଶାରଦା ଘୋଷ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ସମ୍ବିତ ସୁମନ ଓ ପ୍ରମଥଦୀପ କର ଉପସ୍ଥିତ ଥିଲେ। ଆତିଥ୍ୟ କ୍ଷେତ୍ରରେ ରହିଥିବା ବ୍ୟାପକ କ୍ୟାରିଅର ସମ୍ଭାବନା ଓ ଭବିଷ୍ୟତର ପେସାଦାରମାନଙ୍କୁ ଗଢ଼ିବାରେ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଶ୍ରୀମତୀ ଘୋଷ ଆତିଥ୍ୟ ଶିଳ୍ପରେ ଥିବା ଅପାର ସମ୍ଭାବନାକୁ ପ୍ରଦର୍ଶିତ କରିବା ଲାଗି ରାଜ୍ୟର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବାକୁ ଆଇଏଚଏମର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ତାଙ୍କ କହିବାନୁସାରେ, ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ଉଭା ହେବା ସହିତ ବିଳାସପୂର୍ଣ୍ଣ ହୋଟେଲ ଓ ରିସର୍ଟ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ଏହି କାରଣରୁ ଏଠାରେ ଏବେ କୁଶଳୀ ପେସାଦାରଙ୍କ ଚାହିଦା ସର୍ବକାଳୀନ ଉଚ୍ଚସ୍ତରରେ ରହିଛି ବୋଲି ଶ୍ରୀମତୀ ଘୋଷ କହିବା ସହ ଦିଲ୍ଲୀର ଜେଏନୟୁ ପକ୍ଷରୁ ପ୍ରଦାନ କରାଯାଇଥିବା ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ବିଏସସି ଓ ଆତିଥ୍ୟ ପ୍ରଶାସନରେ ଏମଏସସି ସମେତ ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରମୁଖ ପାଠ୍ୟକ୍ରମ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଶିଳ୍ପ ଉପଯୋଗୀ ଦକ୍ଷତା ପ୍ରଦାନ ପାଇଁ ପରିକଳ୍ପିତ ଏହି ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଲାଭଜନକ ଓ ଗତିଶୀଳ କ୍ୟାରିଅର ସୁଯୋଗ ଦେଉଛି। ଯେକୌଣସି ଶିକ୍ଷାଗତ ପୃଷ୍ଠଭୂମିର ଛାତ୍ରଛାତ୍ରୀ ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ବିଏସସି ପଢ଼ିବା ପାଇଁ ଆବେଦନ କରିପାରିବେ। କିନ୍ତୁ ସେମାନେ ଇଂରାଜୀକୁ ଗୋଟିଏ ବିଷୟ ଭାବେ ଅଧ୍ୟୟନ କରିବା ଜରୁରୀ। ହୋଟେଲ ମ୍ୟାନେଜମେଣ୍ଟ ଏକ ଲାଭଦାୟକ ଓ ବିକଶିତ ବୃତ୍ତି

ଭାବେ ବ୍ୟାପକ ସୁଯୋଗ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ସେହିପରି ଶ୍ରୀ କର ପର୍ଯ୍ୟଟନ ମନ୍ତ୍ରଣାଳୟର ନେତୃତ୍ୱରେ ଦକ୍ଷତା ବିକାଶ ପଦକ୍ଷେପ ଓ ଦକ୍ଷତା ବିକାଶ କେନ୍ଦ୍ର ଭାବେ ଆଇଏଚଏମର ଭୂମିକା ବିଷୟରେ କହିଥିଲେ। ମାଗଣା ଦକ୍ଷତା ତାଲିମ ପ୍ରଦାନ କରୁଥିବା ସେବା ପ୍ରଦାନକାରୀଙ୍କ ପାଇଁ କ୍ଷମତା ନିର୍ମାଣ ପଦକ୍ଷେପ ସମେତ ସରକାର ସମର୍ଥିତ ତାଲିମ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଂଶଗ୍ରହଣ ଉପରେ ସେ ଆଲୋକପାତ କରିବା ସହ ମିଶନ ଶକ୍ତି ଦ୍ୱାରା ପ୍ରାୟୋଜିତ ଏସ୍ଏଚ୍‌ଜି ମହିଳାଙ୍କ ପାଇଁ କାଫେ ପରିଚାଳନା ତାଲିମ ଓ ଏସଏସଇପିଡି ଦ୍ୱାରା ପ୍ରାୟୋଜିତ ଶ୍ରବଣ ଶକ୍ତିହୀନ ଭିନ୍ନକ୍ଷମଙ୍କ ପାଇଁ ଆତିଥ୍ୟ ପରିଚାଳନା ତାଲିମ ଭଳି ଏକାଧିକ ପ୍ରକଳ୍ପରେ ଆଇଏଚଏମ ସହ ରାଜ୍ୟ ସରକାରଙ୍କ ସହଯୋଗକୁ ପ୍ରଂଶସା କରିଛନ୍ତି। ଏହି ଅବସରରେ ଆଇଏଚଏମକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ କେନ୍ଦ୍ର ଭାବେ ମନୋନୀତ କରାଯାଇଥିବା ସେ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ଅଗ୍ରଣୀ ଗଣମାଧ୍ୟମର ୩୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

Copyright © 2024 Sanchar. All Rights Reserved.